# NATIONAL NEWS BULLETIN (ODIA)

**24 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା କ୍ଷେତ୍ରରେ ଦକ୍ଷତା ବିକାଶ ଓ ଶିଳ୍ପ ଭାଗିଦାରୀ ପାଇଁ ଭାରତ ଓ ଆମେରିକା ଘନିଷ୍ଠ ଭାବରେ କାର୍ଯ୍ୟ କରିବେ, କହିଲେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ।

- ନେପାଳର ତାନାହୁନ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୨୭ ଭାରତୀୟ ମୃତ ।

- ଆମେରିକାର ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କଲେ ସ୍ୱାଧୀନ ପ୍ରାର୍ଥୀ ରବର୍ଟ ଏଫ୍ କେନେଡି ।

ଏବଂ

- ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କଲେ ଶିଖର ଧାୱନ ।

---

## ରାଜନାଥ ସିଂ-ୟୁଏସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ ଦକ୍ଷତା ବିକାଶ ଏବଂ ଏକ ସ୍ଥାୟୀ ପ୍ରଯୁକ୍ତି ଓ ଶିଳ୍ପ ଭାଗିଦାରୀ ପାଇଁ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆମେରିକା ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ଚାହୁଁଛି । ଗତକାଲି ୱାସିଂଟନ୍ ଡିସିରେ ୟୁଏସ୍-ଇଣ୍ଡିଆ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍ ଫୋରମ୍

ପକ୍ଷରୁ ଆୟୋଜିତ ଏକ ରାଉଣ୍ଡଟେବୁଲ ସମ୍ମିଳନୀରେ ପ୍ରତିରକ୍ଷା ଶିଳ୍ପର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ସିଂହ ଏହା କହିଛନ୍ତି। ଭାରତ ଆମେରିକାର ପୁଞ୍ଜିନିବେଶ ଏବଂ ବୈଷୟିକ ସହଯୋଗକୁ ସ୍ୱାଗତ କରୁଛି ଏବଂ ଏକ ଦକ୍ଷ ମାନବ ସମ୍ବଳ ଭିତ୍ତିଭୂମି, ଦୃଢ଼ ଏଫଡିଆଇ ସମର୍ଥକ ଏବଂ ବ୍ୟବସାୟ ସମର୍ଥକ ଇକୋସିଷ୍ଟମ ଓ ଏକ ବୃହତ ଘରୋଇ ବଜାର ସହିତ ପ୍ରସ୍ତୁତ ଅଛି ବୋଲି ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି । ଏହି ରାଉଣ୍ଡ ଟେବୁଲରେ ବହୁ ସଂଖ୍ୟକ ଆମେରିକୀୟ ପ୍ରତିରକ୍ଷା ଓ ବୈଷୟିକ କମ୍ପାନି ଯୋଗ ଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ୱାଶିଂଟନ ଡିସିରେ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କୁ ମଧ୍ୟ ଭେଟିଥିଲେ। ସେମାନେ ବିକଶିତ ଭୂ-ରାଜନୈତିକ ପରିସ୍ଥିତି ଏବଂ କେତେକ ପ୍ରମୁଖ ଆଞ୍ଚଳିକ ନିରାପତ୍ତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ନେପାଳ-ଆକ୍ସିଡେଣ୍ଟ

ନେପାଳର ତାନାହୁନ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ପୀଡ଼ିତ ଓ ବଞ୍ଚିଥିବା ଲୋକଙ୍କ ପ୍ରତ୍ୟାବର୍ତ୍ତନର ତଦାରଖ କରିବା ପାଇଁ ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ ନେପାଳର କାଠମାଣ୍ଡୁରେ ପହଞ୍ଚିଛନ୍ତି। କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୨୭ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଖଡ଼ସେ କହିଛନ୍ତି  ସେ କାଠମାଣ୍ଡୁର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଉଦ୍ଧାର କାର୍ଯ୍ୟ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ଏବଂ ନେପାଳ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ଯୁଗ୍ମ ସଚିବ ବ୍ରିଘୁ ଧୁଙ୍ଗାନାଙ୍କ ସହ

ଆଲୋଚନା କରିଛନ୍ତି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମଧ୍ୟ ତ୍ରିଭୁବନ ବିଶ୍ୱବିଦ୍ୟାଳୟ ଟିଚିଂ ହସ୍ପିଟାଲ ଯାଇ ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କୁ ଭେଟିଛନ୍ତି । ୧୬ ଜଣ ଯାତ୍ରୀଙ୍କୁ ଟିୟୁ ଟିଚିଂ ହସ୍ପିଟାଲରେ ଅଧିକ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ କାଠମାଣ୍ଡୁ ନିଆଯାଇଥିଲା। କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ଆହତଙ୍କ ଚିକିତ୍ସା ଏବଂ ମୃତକଙ୍କ ମରଶରୀରକୁ ଯଥାଶୀଘ୍ର ଭାରତ ଫେରାଇ ଆଣିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ହସ୍ପିଟାଲ କର୍ମଚାରୀଙ୍କ ସହ  ନିରନ୍ତର ଯୋଗାଯୋଗରେ ରହିଛି। ଦୂତାବାସ ପକ୍ଷରୁ ୨୪ଘଣ୍ଟିଆ ଜରୁରୀକାଳୀନ ରିଲିଫ ନମ୍ବର ଜାରି କରାଯାଇଛି । ସେହି ନମ୍ବରଗୁଡ଼ିକ ହେଉଛି : ୯୭୭-୯୮୫୧୧୦୭୦୨୧, ୯୭୭-୯୮୫୧୩୧୬୮୦୭ ଏବଂ  ୯୭୭-୯୭୪୯୮୩୩୨୯୨। ମହାରାଷ୍ଟ୍ର ସରକାରଙ୍କ ଅନୁରୋଧ କ୍ରମେ ଭାରତୀୟ ବାୟୁସେନାର ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ର ତୀର୍ଥଯାତ୍ରୀଙ୍କ ମୃତଦେହ ଆଣିବ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିଛନ୍ତି।  ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ଦୂତାବାସ ପ୍ରଭାବିତଲୋକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେଉଛି। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ,

ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Streaming ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ନେପାଳ-ଆକ୍ସିଡେଣ୍ଟ

ନେପାଳ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଜଳଗାଓଁ ଜିଲ୍ଲାର ୨୪ ଜଣଙ୍କ ମୃତଦେହ ଆଜି ଅଣାଯିବ। ମୃତଦେହକୁ ଉତ୍ତରପ୍ରଦେଶର ଗୋରଖପୁର ଅଣାଯିବ ଏବଂ ସେଠାରୁ ଭାରତୀୟ ବାୟୁସେନା ବିମାନଯୋଗେ ସେମାନଙ୍କୁ ନାସିକ ଅଣାଯିବ । ମୃତଦେହକୁ ମହାରାଷ୍ଟ୍ର ଫେରାଇ ଆଣିବା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଶ୍ରୀ ସିନ୍ଦେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କୁ ପୂର୍ଣ୍ଣ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସମଗ୍ର ପ୍ରକ୍ରିୟାର ସମନ୍ୱୟ ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଶ୍ରୀ ସିନ୍ଦେ ଏହି ୨୪ ଜଣଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଟେଲିକମ୍

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଟେଲିକମ୍ ସେବା ପ୍ରଦାନକାରୀମାନଙ୍କୁ  ନାଗରିକମାନେ ଯେପରି ଉତ୍ତମ ମାନର ଟେଲିକମ୍

ସେବା ପାଇପାରିବେ ସେଥିପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି । ଶ୍ରୀ ସିନ୍ଧିଆ ଗତକାଲି ନୂଆଦିଲ୍ଲୀରେ ଟେଲିକମ୍ ସେବା ପ୍ରଦାନକାରୀମାନଙ୍କ ନିମନ୍ତେ ନିକଟରେ ଗଠିତ ଅଂଶୀଦାର ପରାମର୍ଶଦାତା କମିଟି ସହିତ ଦ୍ୱିତୀୟ ବୈଠକ କରିଥିଲେ। ଭାରତର ଟେଲି କମ୍ୟୁନିକେସନ୍ ଇକୋସିଷ୍ଟମର ଭବିଷ୍ୟତକୁ ବିସ୍ତାର ରୂପ ଦେବା ଏବଂ ଅନ୍ତର୍ଭୁକ୍ତ ଏବଂ ସହଯୋଗୀ ନୀତି ନିଷ୍ପତ୍ତି ନେବାକୁ ପ୍ରୋତ୍ସାହିତ କରିବା ପାଇଁ ଅଂଶୀଦାରମାନଙ୍କୁ ନିୟୋଜିତ କରିବା ଏହାର ଉଦ୍ଦେଶ୍ୟ ଥିଲା । ଶ୍ରୀ ସିନ୍ଧିଆ ସେବାର ଗୁଣବତ୍ତା ଏବଂ ଏହି କ୍ଷେତ୍ରକୁ ବିକାଶର ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଭାରତର ୬-ଜି ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲେ । ବୈଠକରେ ଟେଲିକମ୍ ସେବା ପ୍ରଦାନକାରୀମାନେ ଦେଶରେ ଶତ ପ୍ରତିଶତ ବ୍ରଡବ୍ୟାଣ୍ଡ କଭରେଜ୍ ପଥରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହାୟକ ନୀତି ଢାଞ୍ଚା ଆବଶ୍ୟକ ପଡୁଥିବା କହିଥିଲେ ।

## ଆସାମ

ଆସାମରେ ଧିଙ୍ଗରେ ଜଣେ ନାବାଳିକାଦୁଷ୍କର୍ମ ଘଟଣାର ମୁଖ୍ୟ ଅଭିଯୁକ୍ତର ଆଜି ସକାଳେ ମୃତ୍ୟୁ ଘଟିଛି। ଆଜି ଭୋର ସମୟରେ ଘଟଣାସ୍ଥଳରେ କ୍ରାଇମ ସିନ୍  ରିକ୍ରିଏସନ୍  ବେଳେ ଏହି ଘଟଣା ଘଟିଛି। ପୁଲିସ ହାତରେ ଗିରଫ ହୋଇଥିବା ଅଭିଯୁକ୍ତ ତଫାଜୁଲ ଇସଲାମ ଖସି ଯାଇ ପୋଖରୀକୁ ଡେଇଁ ପଡ଼ିବାରୁ ତାର ମୃତ୍ୟୁ ଘଟିଥିଲା। ପରେ ଏସ୍ ଡିଆର୍ ଏଫ୍ ଟିମ୍ ସହାୟତାରେ ପୁଲିସ ତାର ମୃତଦେହ ଉଦ୍ଧାର କରିଥିଲା। ନଗାଓଁ ଜିଲ୍ଲାର ଧିଙ୍ଗରେ ଘଟିଥିବା ଏହି ଜଘନ୍ୟ ଅପରାଧରେ ୩ ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହେବା ପରେ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିବାଦ

ହୋଇଥିଲା। ଅନ୍ୟ ଦୁଇ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ କରୁଛି। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ଡିଜିପି ଜିପି ସିଂହ ଏବଂ ମନ୍ତ୍ରୀ ପିୟୁଷ ହଜାରିକା ଧୀଙ୍ଗ ଗସ୍ତ କରି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଆଶ୍ୱାସନା ଦେଇଛନ୍ତି ।

## ୟୁଏସ୍-ଟ୍ରମ୍ପ

ଆମେରିକାର ସ୍ୱାଧୀନ ରାଷ୍ଟ୍ରପତି ପ୍ରାର୍ଥୀ ରବର୍ଟ ଏଫ କେନେଡି ଜୁନିୟର ଗତକାଲି ରାତିରେ ହ୍ୱାଇଟ୍ ହାଉସ୍ ପାଇଁ ତାଙ୍କର ପ୍ରଚାରକୁ ସ୍ଥଗିତ ରଖିଥିଲେ ଏବଂ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରିଥିଲେ। ଏକ ଅଭିଭାଷଣରେ ଶ୍ରୀ କେନେଡି କହିଛନ୍ତି ଯେ ନିର୍ବାଚନ ବିଜୟ ପାଇଁ ତାଙ୍କ ପାଖରେ ବାସ୍ତବ ବାଟ ଅଛି ବୋଲି ସେ ଆଉ ବିଶ୍ୱାସ କରୁନଥିବାରୁ ସେ ତାଙ୍କ ପ୍ରଚାରକୁ ସ୍ଥଗିତ ରଖିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ୧୦ଟି ପ୍ରମୁଖ ରାଜ୍ୟରେ ମତଦାନରୁ ନିଜ ନାମ ପ୍ରତ୍ୟାହାର କରିବାକୁ ଯୋଜନା କରୁଛନ୍ତି ଯେଉଁଠାରେ ସେ ଟ୍ରମ୍ପଙ୍କଠାରୁ ଅଧିକ ଭୋଟ୍ ପାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଶ୍ରୀ କେନେଡି ଏପ୍ରିଲ ୨୦୨୩ରେ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ ଏବଂ ପ୍ରଥମେ ଡେମୋକ୍ରାଟ ଭାବରେ ନିର୍ବାଚନ ଲଢ଼ିଥିଲେ । କିନ୍ତୁ ଦଳ ଭିତରେ ଚାପରେ ସେ ନିଜର ରଣନୀତି ବଦଳାଇ ୨୦୨୩ ଅକ୍ଟୋବରରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଚାର କରିଥିଲେ ।

# ରୁଷ୍-ଜେଲ୍

ରୁଷିଆର ଭୋଲଗୋଗ୍ରାଡ୍ ଅଞ୍ଚଳରେ ଥିବା ଆଇକେ-୧୯ ନାମକ ଏକ ସର୍ବାଧିକ ନିରାପତ୍ତା ବିଶିଷ୍ଟ ଜେଲ୍‌ର ୪ ଜଣ କର୍ମଚାରୀଙ୍କୁ ବନ୍ଧକ ରଖିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ରୁଷିଆର ଏଫ୍.ପି.ଏସ୍. ଏକ ବିବୃତିରେ କହିଛି। ପରେ ଫେଡେରାଲ ଜେଲ କର୍ମଚାରୀ ଏବଂ ରୁଷିଆର ନ୍ୟାସନାଲ ଗାର୍ଡ ଦ୍ୱାରା କରାଯାଇଥିବା ଏକ ସ୍ୱତନ୍ତ୍ର ଅପରେସନରେ ଅପରାଧୀମାନଙ୍କୁ ନିପାତ କରାଯାଇଥିଲା । ଗତକାଲି କଏଦୀମାନେ ୮ ଜଣ ଜେଲ କର୍ମଚାରୀ ଓ ୪ ଜଣ ଅଭିଯୁକ୍ତଙ୍କୁ ବନ୍ଧକ ରଖିଥିଲେ। ଅପରାଧୀମାନେ ୪ ଜଣ କର୍ମଚାରୀଙ୍କୁ  ଛୁରା ମାଡ଼ କରିବା ପରେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ପ୍ରତିରୋଧ କରିଥିବା ଅନ୍ୟ ୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଓ ସେମାନଙ୍କ ମଧ୍ୟରୁ ଜଣେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ରୁଷିଆର ଅନୁସନ୍ଧାନ କମିଟି ଏକ ଅପରାଧିକ ମାମଲା ଆରମ୍ଭ କରିଛି। ଚଳିତ ବର୍ଷ ଜୁନ୍ ମାସରେ ଦକ୍ଷିଣ ରୋଷ୍ଟୋଭ୍ ଅଞ୍ଚଳର ଏକ ଜେଲରେ ସମାନ ସ୍ଥିତି ପରେ ଇସ୍ଲାମିକ୍ ଷ୍ଟେଟ୍ ସଂପୃକ୍ତି ଥିବା କଏଦୀମାନେ ବନ୍ଦୀ ହେବାର ଏହା ହେଉଛି ଦ୍ୱିତୀୟ ଘଟଣା।

# ୟୁଏନ୍-ଗାଜା

ଜାତିସଂଘର ରିଲିଫ୍ ଆଣ୍ଡ ଓ୍ୱାର୍କସ୍ ଏଜେନ୍ସି ଫର୍ ପାଲେଷ୍ଟାଇନ୍ ରିଫ୍ୟୁଜି ଇନ୍ ଦି ନିଅର୍ ଇଷ୍ଟ ଚେତାବନୀ ଦେଇଛି ଯେ ଗାଜାରେ ବିଳମ୍ବିତ ମାନବୀୟ କଟକଣା ଯୋଗୁଁ ପିଲାମାନଙ୍କ ମଧ୍ୟରେ ପୋଲିଓ ବ୍ୟାପିବାର ସମ୍ଭାବନା ଦେଖାଦେଇଛି । UNRWA ର କମିଶନର ଜେନେରାଲ

ଫିଲିପ୍ ଲାଜାରିନି ଗତକାଲି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଜୋର ଦେଇ କହିଛନ୍ତି ଯେ ଗାଜାକୁ ଟିକା ଆଣିବା ଏବଂ ଏହାକୁ ସୁରକ୍ଷିତ ରଖିବା ଯଥେଷ୍ଟ ନୁହେଁ । ଗତ ୧୬ ତାରିଖରେ ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ କରିଥିଲା ଯେ ଗାଜାରେ ଜଣେ ୧୦ ମାସର ଶିଶୁ ଟିକା ଦ୍ୱାରା ପ୍ରାପ୍ତ ପୋଲିଓ ଭୂତାଣୁ ଷ୍ଟ୍ରେନ୍ ରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାର ପରଦିନ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଘୋଷଣା କରିଥିଲେ ଯେ ୧୦ ବର୍ଷରୁ କମ୍ ବୟସର ଗାଜାରେ ୬ ଲକ୍ଷ ୪୦ ହଜାରରୁ ଅଧିକ ଶିଶୁଙ୍କୁ ଟିକା ଦେବା ପାଇଁ ଜାତିସଂଘ ମାସ ଶେଷରେ ଦୁଇ ପର୍ଯ୍ୟାୟ ଟିକାକରଣ ଅଭିଯାନ ଆରମ୍ଭ କରିବ ।

ଅନ୍ୟପକ୍ଷରେ ଟିକାକରଣ ପ୍ରୟାସକୁ ସକ୍ଷମ କରିବା ପାଇଁ ଜାତିସଂଘର ଆହ୍ୱାନରେ ହାମାସ ସହମତି ପ୍ରକାଶ କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟୀ ଗତ ବର୍ଷ ଅକ୍ଟୋବରରେ ସଂଘର୍ଷ ଆରମ୍ଭ ହେବା ପୂର୍ବରୁ ଗାଜା ୨୫ ବର୍ଷ ଧରି ପୋଲିଓ ମୁକ୍ତ ଥିଲା।

## ୟୁଏସ୍-ବ୍ଲିଙ୍କେନ୍

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ ମଲ୍ଟି ମିଶନ ଏମଏଚ-୬୦ଆର ସିହକ୍ ହେଲିକପ୍ଟର ପାଇଁ ୫୨.୮ ନିୟୁତ ଆମେରିକୀୟ ଡଲାର ବ୍ୟୟରେ ଭାରତକୁ ବୁଡ଼ାଜାହାଜ ନିରୋଧୀ ଯୁଦ୍ଧ ବିମାନ ଏବଂ ଆନୁଷଙ୍ଗିକ ଉପକରଣର ସମ୍ଭାବ୍ୟ ବିଦେଶୀ ସାମରିକ ବିକ୍ରୟ କୁ ମଞ୍ଜୁରୀ ଦେଇଛନ୍ତି। ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି ଗତକାଲି ଆମେରିକା କଂଗ୍ରେସକୁ ଏହି ସମ୍ଭାବ୍ୟ ବିକ୍ରୟ ବିଷୟରେ ଅବଗତ କରାଇ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛି। ବାଇଡେନ

ପ୍ରଶାସନର ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଚୁକ୍ତି ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଏକ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ଭାରତର ସୁରକ୍ଷାରେ ଉନ୍ନତି ଆଣିବାରେ ସାହାଯ୍ୟ କରି ୱାଶିଂଟନର ବୈଦେଶିକ ନୀତି ଏବଂ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ସମର୍ଥନ କରିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ରାଜନୈତିକ ସ୍ଥିରତା, ଶାନ୍ତି ଏବଂ ଅର୍ଥନୈତିକ ପ୍ରଗତି ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହୋଇ ରହିଛି। ଏହି ପ୍ରସ୍ତାବିତ ବିକ୍ରୟ ଭାରତ-ଆମେରିକା ରଣନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବ ବୋଲି କୁହାଯାଇଛି ।

## ଶିଖର ଧୱନ

ଭାରତର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍  ଶିଖର ଧାୱନ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି । ୩୮ ବର୍ଷୀୟ ଧାୱନ ତାଙ୍କ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ଅବସର ଭିଡିଓ ସେୟାର କରିଛନ୍ତି ଏବଂ ସମର୍ଥନ ପାଇଁ ତାଙ୍କ ପରିବାର, ପ୍ରଶିକ୍ଷକ ଏବଂ ଦଳର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ବାମହାତୀ ବ୍ୟାଟ୍ସମ୍ୟାନ୍ ଟିମ୍ ଇଣ୍ଡିଆ ପକ୍ଷରୁ ୩୭ଟି ଟେଷ୍ଟ, ୧୬୭ଟି ଦିନିକିଆ ଓ ୬୮ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ବ୍ୟାଟିଂ ପାଇଁ ଧାୱନ ମିଷ୍ଟର ଆଇସିସି ଟାଇଟଲ ପାଇଁ ମଧ୍ୟ ଲୋକପ୍ରିୟ ଥିଲେ। ଦିନିକିଆରେ ୬ହଜାର ୭୯୩ ରନ୍ କୁ ମିଶାଇ ଅନ୍ତର୍ଜାତୀୟ କ୍ରିକେଟରେ ସେ ମୋଟ ୧୦ ହଜାର ୮୬୭ ରନ୍ କରିଛନ୍ତି। ଦିନିକିଆରେ ଧାୱନଙ୍କ ନାମରେ ୧୭ ଟି ଶତକ ଓ ୩୯ ଟି ଅର୍ଦ୍ଧଶତକ ରହିଛି। ସେ ମଧ୍ୟ ୧୫ଟି ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଥିଲେ। ସେ ଶେଷଥର

ପାଇଁ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଭାରତ ପାଇଁ ଖେଳିଥିଲେ। ୨୨୨ ମ୍ୟାଚ୍ ବିଶିଷ୍ଟ ଆଇପିଏଲ୍ କ୍ୟାରିୟରରେ ଧାୱନ ୬ ହଜାର ୭୬୯ ରନ୍ କରିଥିଲେ ଏବଂ ୨୦୧୬ରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଏକକାଳୀନ ଚାମ୍ପିୟନଶିପ୍ ବିଜେତା ହୋଇଥିଲେ।

---